## ସଂକ୍ଷେପରେ

### ଟିକାକରଣ ଦାବିକଲେ ଜଳବିଦ୍ୟୁତ୍ କର୍ମଚାରୀ

**କଣିହାଁ, ୧।୬(ଡି.ଏନ.ଏ.):** ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଉଦ୍‌ବେଗଜନକ ସ୍ଥିତିରେ ଥିବାରୁ ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପର ସମସ୍ତ କର୍ମଚାରୀ ଓ ପରିବାରବର୍ଗଙ୍କୁ ଟିକାକରଣ କରିବାକୁ ଦାବି ହୋଇଛି। ଏ ନେଇ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ପ୍ରକଳ୍ପ ବରିଷ୍ଠ ସାଧାରଣ ପରିଚାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ପ୍ରକଳ୍ପର କେତେଜଣ ଇଞ୍ଜିନିୟର କରୋନାରେ ପ୍ରାଣ ହରାଇଥିବାବେଳେ ବହୁ କର୍ମଚାରୀ ଏବେ ସଂକ୍ରମିତ ହୋଇ ଚିକିତ୍ସାଧୀନ ଅଛନ୍ତି। ରାଜ୍ୟ ସରକାର ବିଦ୍ୟୁତ୍ କର୍ମଚାରୀଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ଗ୍ରହଣ କରି ଟିକାକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏପରି କି କର୍ପୋରେଟ୍ ଅଫିସର ସମସ୍ତ କର୍ମଚାରୀ ଓ ଅନ୍ୟ କିଛି ୟୁନିଟ୍‌ରେ ଟିକାକରଣ ସରିଲାଣି। କିନ୍ତୁ ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ କର୍ତ୍ତୃପକ୍ଷ ଏଠାକାର କର୍ମଚାରୀଙ୍କ ଟିକାଦାନ ନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ କର୍ମଚାରୀମାନଙ୍କ ମଧ୍ୟରେ ଆତଙ୍କ ସହ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ କର୍ମଚାରୀ ସଂଘ ପକ୍ଷରୁ ଦାବି ହୋଇଛି।

### ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ

**କଣିହାଁ, ୧।୬(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ପୋଡ଼ାଗଡ଼ ଗ୍ରାମର ଲକ୍ଷ୍ମୀଧର ବେହେରା (୬୧)ଙ୍କ ମୃତଦେହ ସୋମବାର ସନ୍ଧ୍ୟାରେ ସନ୍ଦେହଜନକ ଅବସ୍ଥାରେ ଚାଷ ଜମିରୁ ମିଳିଛି। ଲକ୍ଷ୍ମୀଧରଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନଂ. ୯୨/୨୧ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତ ଲକ୍ଷ୍ମୀଧରଙ୍କ ପୁଅ ଜଗାଙ୍କ କହିବା ଅନୁଯାୟୀ, ସକାଳେ ବାପା ଜଣେ ବ୍ୟକ୍ତିଙ୍କୁ ଦେଇଥିବା ଟଙ୍କା ମାଗିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ନ ଫେରିବାରୁ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲା। ଏହି ସମୟରେ ଜମିରୁ ତାଙ୍କ ମୃତଦେହ ଠାବ ହୋଇଥିଲା। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଜଗା ଦାବି କରିଛନ୍ତି। ଅନ୍ୟପଟେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ସରୋଜକାନ୍ତ ସାମଲ ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ଅନୁଗୋଳ ଅଫିସ, ୧।୬:** ଅନୁଗୋଳ ସହର ଉପକଣ୍ଠରେ ମଙ୍ଗଳବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ତୁରଙ୍ଗ ଅଞ୍ଚଳରେ ଭଡ଼ାରେ ରହୁଥିବା ଚିନ୍ମୟ କୁମାର କରଙ୍କ ପୁଅ ଅୟସକାନ୍ତ କର(୨୪)। ଗୁରୁତର ୨ ଜଣ ଅୟସକାନ୍ତଙ୍କ ସାଙ୍ଗ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ୩ ଜଣ ଡେରଜାଙ୍ଗରୁ ଭୋଜି ସାରି ବାଇକ୍‌ରେ ଫେରୁଥିବାବେଳେ ରନ୍ତଲେଇ ନିକଟରେ ଜାତୀୟ ରାଜପଥ ୫୫ ସଂଯୋଗ ସ୍ଥଳରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଅୟସକାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ୨ ସାଙ୍ଗ ଗୁରୁତର ଅବସ୍ଥାରେ ଏକ କାର୍‌ରେ ଅନୁଗୋଳ ଚାଲିଆସିଥିଲେ। ଖବରପାଇ ମୃତକଙ୍କ ପରିବାର ଲୋକେ ପହଞ୍ଚି ଅୟସକାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ସଦର ଥାନାରେ ଏ ନେଇ ଲିଖିତ ଅଭିଯୋଗ ହୋଇନାହିଁ।

### ଠିକା ସଂସ୍ଥା ସାମଗ୍ରୀ ଚୋରି

**ବଇଣ୍ଡା, ୧।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଛକ ଠାରେ ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାମ କରୁଥିବା ଠିକାସଂସ୍ଥାର କିଛି ସାମଗ୍ରୀ ସୋମବାର ରାତିରେ ଚୋରି ହୋଇଯାଇଛି। ଏ ନେଇ ଠିକାସଂସ୍ଥା ପକ୍ଷରୁ ବଇଣ୍ଡା ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଖବରପାଇ ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ବଇଣ୍ଡା ଛକଠାରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଠିକାସଂସ୍ଥା ପକ୍ଷରୁ ବଡ ବଡ ଗର୍ତ୍ତ ଖୋଳାଯାଇଥିବା ବେଳେ ସୁରକ୍ଷା ପାଇଁ ଆଜବେଷ୍ଟସ ଘେରାଯାଇଥିଲା। କେତେଜଣ ଯୁବକ ବିଳମ୍ବିତ ରାତିରେ ୩ଟି ଆଜବେଷ୍ଟସ ସହ କିଛି ଲୁହା ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଛକରୁ ଚୋରି ହୋଇଥିବା ବେଳେ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଚୋରଙ୍କୁ ତୁରନ୍ତ ଗିରଫ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।

# ବର୍ଷକଠାରୁ ବଳିଗଲା ମାସକ ମୃତ୍ୟୁ

**ଅନୁଗୋଳ ଅଫିସ, ୧।୬**

କୋଭିଡ୍-୧୯ର ଦ୍ୱିତୀୟ ଲହର କେତେ ଭୟଙ୍କର ତାହାର ଚିତ୍ର ମିଳିଛି ଅନୁଗୋଳ ଜିଲାରୁ। ବର୍ଷକ ମଧ୍ୟରେ ଜିଲାରେ ଯେତିକି ସଂଖ୍ୟକ ଲୋକ କରୋନାରେ ପ୍ରାଣ ହରାଇ ନ ଥିଲେ, ଗତ ମେ' ମାସରେ ତାହାଠାରୁ ଅଧିକ ଲୋକଙ୍କ ଜୀବନ ଯାଇଛି ଏହି ମହାମାରୀରେ। କେବଳ ମୃତ୍ୟୁ ନୁହେଁ, ମାସକରେ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବର୍ଷକଠାରୁ ବଳି ଯାଇଛି। ତେବେ ସରକାରୀ ଭାବେ ଦର୍ଶାଯାଉଥିବା ସଂଖ୍ୟାଠାରୁ ଜିଲାରେ କରୋନାରେ ମୃତ୍ୟୁ ସଂଖ୍ୟା ବହୁ ଅଧିକ ହୋଇଥିବା ଆଲୋଚନା ହେଉଛି।

ଗତବର୍ଷ ସାମାନ୍ୟ ବିଳମ୍ବରେ ଅର୍ଥାତ୍ ୨୦୨୦ ମେ' ୧୦ ତାରିଖରେ ଅନୁଗୋଳ ଜିଲାକୁ ଛୁଇଁଥିଲା କରୋନା। ପ୍ରଥମ କରି ଜିଲାରେ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ତେବେ ୨୦୨୧ ଏପ୍ରିଲ ୩୦ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୧୫ ହଜାର ୬୯୨ ହୋଇଥିଲା। ଏହି ସମୟ ମଧ୍ୟରେ ଜିଲାରେ କରୋନାରେ ୪୩ ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ଦ୍ୱିତୀୟ ଲହର ଆରମ୍ଭରୁ ଅନୁଗୋଳ ଜିଲାରେ ସଂକ୍ରମଣ ଅତି ଦ୍ରୁତଗତିରେ ବଢ଼ିଚାଲିଥିଲା। ଏପରି କି କେବଳ ମେ' ମାସରେ ଜିଲାରୁ ୧୮ ହଜାର ୪୯୫ଜଣ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ ମୋଟ୍ ପଜିଟିଭ୍ ସଂଖ୍ୟା ୩୪ ହଜାର ୧୫୧ରେ ପହଞ୍ଚି ଯାଇଥିଲା। ସେହିପରି ମାସକରେ କୋଭିଡ୍ କାରଣରୁ ଜିଲାରେ ୬୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୋଟ୍ ମୃତକଙ୍କ ସଂଖ୍ୟା ୧୦୯ରେ ପହଞ୍ଚିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ବେସରକାରୀ ଭାବେ ଏହି ସଂଖ୍ୟା ଢେର ଅଧିକ ହେବ ବୋଲି କୁହାଯାଉଛି। କାରଣ କୋଭିଡ୍ ସଂକ୍ରମିତଙ୍କ ମୃତଦେହ ଦାହ କରାଯାଉଥିବା କରଡ଼ାଗାଡ଼ିଆ ଶ୍ମଶାନରେ ମେ' ମାସରେ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଶେଷକୃତ୍ୟ ହୋଇଥିବା ଜଣାପଡ଼ିଛି। ଏହାଛଡ଼ା ଗତ ସପ୍ତାହେ ହେଲା ରାଜ୍ୟର ଅଧିକ କୋଭିଡ୍ ମୃତ୍ୟୁ ଅନୁଗୋଳ ଜିଲାରେ ହିଁ ହେଉଛି। ଅନ୍ୟପକ୍ଷରେ କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଆଦାୟ କରାଯାଉଥିବା ଜରିମାନା ଇତିମଧ୍ୟରେ କୋଟିଏ ଟଙ୍କା ଅତିକ୍ରମ କରିଛି। ଅମାନିଆ ବ୍ୟକ୍ତି, ବ୍ୟବସାୟୀଙ୍କଠାରୁ ମୋଟ୍ ୧ କୋଟି ୧ ଲକ୍ଷ ୯ ହଜାର ୭୫୦ ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଥିବା ସୂଚନା ମିଳିଛି। ତେବେ ଜିଲାରେ କୋଭିଡ୍ ଟେଷ୍ଟ ଅଧିକ କରାଯାଉଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଏବଂ ମୃତକଙ୍କ ସମ୍ପର୍କରେ ଠିକ୍ ସୂଚନା ଦିଆଯାଉଥିବା ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଛି।


କରଡ଼ାଗାଡ଼ିଆ ଶ୍ମଶାନରେ କୋଭିଡ୍ ସଂକ୍ରମିତଙ୍କ ମୃତଦେହ ଦାହ କରାଯାଉଛି।

- ୨୦୨୧ ଏପ୍ରିଲ ମଧ୍ୟରେ ଯାଇଥିଲା ୪୩ ଜୀବନ
- କେବଳ ମେ'ରେ କୋଭିଡ୍ ନେଇଛି ୬୬ ମୁଣ୍ଡ
- ବେସରକାରୀ ଭାବେ ସଂଖ୍ୟା ବହୁ ଅଧିକ

### ଲୋକଙ୍କୁ ତୁରନ୍ତ ଚିକିତ୍ସା ପ୍ରଶାସନର ଲକ୍ଷ୍ୟ



ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପୂର୍ବବର୍ଷ ଅପେକ୍ଷା ବଢ଼ିଛି। ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ସହ ଅଧିକ ଟେଷ୍ଟ କରାଯାଉଥିବାରୁ ସଂକ୍ରମଣ ଶୀଘ୍ର ଧରାପଡ଼ିଯାଉଛି। ବିପତ୍ତି ସମୟରେ ଧନ ଜୀବନ କ୍ଷୟକ୍ଷତି ହେଉଥିବାରୁ ଚିକିତ୍ସା ଦ୍ୱାରା କିପରି ଅଧିକରୁ ଅଧିକ ଲୋକଙ୍କୁ ସୁସ୍ଥ କରାଯିବ, ତାହା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

### ସଙ୍କଟ ଟଳି ନ ଥିବାରୁ ସଚେତନ ରୁହ



କରୋନା ବିପତ୍ତି ଏଯାଏ ଟଳିନାହିଁ। ତେଣୁ ଜିଲାବାସୀ ସତର୍କ, ସଚେତନ ଓ ସୁସ୍ଥ ରହନ୍ତୁ। ବହୁ ଲୋକ ଅଯଥାରେ ବାହାରେ ବୁଲାବୁଲି କରୁଥିବାରୁ ପୋଲିସ ଜରିମାନା ଆଦାୟ କରୁଛି। ସମସ୍ତେ ସଚେତନ ରହିଲେ ଜିଲାରେ ସ୍ଥିତି ସୁଧୁରିବା ସହ ଜରିମାନା ଦେବାକୁ ପଡ଼ିବ ନାହିଁ। ନିହାତି ଆବଶ୍ୟକ ହେଲେ ବାହାରକୁ ଆସନ୍ତୁ, ନଚେତ୍ ଘରେ ରହିବା ସହ ଅନ୍ୟମାନଙ୍କୁ ସଚେତନ କରନ୍ତୁ।

-ଜଗମୋହନ ମୀନା, ଏସ୍‌ପି, ଅନୁଗୋଳ

### ନିଜ ସୁରକ୍ଷା ନିଜ ହାତରେ



ଦେଢ଼ବର୍ଷ ହେଲା ଅଦୃଶ୍ୟ କରୋନା ଭୂତାଣୁ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଲୋକମାନେ କୋଭିଡ୍ ନିୟମ ମାନୁ ନ ଥିବାରୁ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ବଜାରରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଉ ନାହିଁ। ବିନା ମାସ୍କରେ ବହୁ ଲୋକ ଚଳପ୍ରଚଳ କରୁଛନ୍ତି। ନିଜ ସୁରକ୍ଷା ନିଜ ହାତରେ ଥିବା ଲୋକେ ଯେପରି ଭୁଲିଯାଇଛନ୍ତି। ସଚେତନ ହେଲେ ସମସ୍ୟା ଦୂର ହେବ।

-ସାଗର ମିଶ୍ର, ଅନୁଗୋଳ

### କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ



କରୋନାର ପ୍ରଥମ ଲହରରେ ଲୋକେ ଭୟଭୀତ ଥିଲେ। କିନ୍ତୁ ଦ୍ୱିତୀୟ ଲହରକୁ ଅନେକେ ଖାତିର କରୁନାହାନ୍ତି। ସେଥିପାଇଁ ଗୋଷ୍ଠୀ ସଂକ୍ରମଣ ବୃଦ୍ଧି ପାଉଛି। ପ୍ରଶାସନ ଓ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଲୋକମାନେ ଅମାନିଆ ହେଉଛନ୍ତି। ଜିଲାର ଅନେକ ଗାଁରେ ଭୂତାଣୁ ପ୍ରବେଶ କରିସାରିଥିବାରୁ ଆଗକୁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି।

-ଶିଶିର କୁମାର ପ୍ରଧାନ, ଅବସରପ୍ରାପ୍ତ ସେନା ଅଧିକାରୀ

## ୪୫୮ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧।୬**



ଅନୁଗୋଳ ଜିଲାରୁ ମଙ୍ଗଳବାର ୪୫୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୪ ହଜାର ୬୦୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଗତ କିଛିଦିନ ଧରି ଜିଲାରେ ମୃତକଙ୍କ ସଂଖ୍ୟା ଅଧିକ ରହୁଛି। ମଙ୍ଗଳବାର ମଧ୍ୟ ପୁଣି ୫ ଜଣଙ୍କ ଜୀବନ କରୋନାରେ ଯାଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଚିହ୍ନଟ ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୧୦୫ ଜଣ ରହିଥିବାବେଳେ ବଅଁରପାଳ ବ୍ଲକରୁ ୯୯, ତାଳଚେର ବ୍ଲକରୁ ୫୬, କଣିହାଁ ବ୍ଲକରୁ ୫୫, ଅନୁଗୋଳ ବ୍ଲକରୁ ୩୯, କିଶୋରନଗର ବ୍ଲକରୁ ୩୦, ପାଲଲହଡ଼ା ବ୍ଲକରୁ ୨୫, ଆଠମଲ୍ଲିକ ବ୍ଲକରୁ ୧୮, ତାଳଚେର ପୌରାଞ୍ଚଳରୁ ୧୬, ଅନୁଗୋଳ ପୌରାଞ୍ଚଳରୁ ୧୨ ଓ ଆଠମଲ୍ଲିକ ଏନ୍‌ଏସିରୁ ୩ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ସମସ୍ତ ସଂକ୍ରମିତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ କରୋନା ୱାର୍ଡ ଓ ୧୦୫ ଜଣଙ୍କୁ ତାଳଚେର କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର କରାଯାଉଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୧୦୧୨ ଜଣ କରୋନାରୁ ସୁସ୍ଥ ହୋଇଥିବା ଖବର ମିଳିଥିବା ବେଳେ ଅଦ୍ୟାବଧି ମୋଟ୍ ୧୧୪ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## କମାଣ୍ଡ କଣ୍ଟ୍ରୋଲ ରୁମ୍‌କୁ ପ୍ରଶଂସା

**ଅନୁଗୋଳ ଅଫିସ, ୧।୬**

କରୋନା ଦ୍ୱିତୀୟ ଲହରର ଉଚିତ ମୁକାବିଲା ସହ ସଂକ୍ରମିତଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେବାକୁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା କମାଣ୍ଡ କଣ୍ଟ୍ରୋଲ ରୁମ୍‌କୁ ମୋ ସରକାର ୫-ଟି ପକ୍ଷରୁ ଟୁଇଟ୍ ଯୋଗେ ପ୍ରଶଂସା କରାଯାଇଛି। ପ୍ରକାଶ ଯେ, ଏହି କମାଣ୍ଡ କଣ୍ଟ୍ରୋଲ ରୁମ୍ କୋଭିଡ୍ ମ୍ୟାନେଜମେଣ୍ଟ ସିଷ୍ଟମ (ସିଏମ୍‌ଏସ୍) ଅଧୀନରେ ରହିଛି। ଏହା ମାଧ୍ୟମରେ ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏପରି କି ଆମ୍ବୁଲାନ୍ସ କେଉଁ ସ୍ଥାନରେ ରହିଛି, ରୋଗୀମାନଙ୍କୁ କେଉଁ ଆମ୍ବୁଲାନ୍ସ ଆଣିବ, ମେଡିକାଲଗୁଡ଼ିକରେ କେତେ ଅକ୍ସିଜେନ୍ ରହିଛି ତାହାର ସବିଶେଷ ତଥ୍ୟ ଏହି କଣ୍ଟ୍ରୋଲ ରୁମ୍‌ରେ ଉପଲବ୍ଧ ହୋଇପାରିବ। ଏଥିସହ ଜିଲାରେ ଚାଲିଥିବା ୩ଟି କୋଭିଡ୍ କେୟାର ସେଣ୍ଟର, ବଅଁରପାଳ କୋଭିଡ୍ ହସ୍ପିଟାଲ ଓ ତାଳଚେର କୋଭିଡ୍ ହସ୍ପିଟାଲରେ ରୋଗୀଙ୍କ ପାଇଁ କେତେ ସଂଖ୍ୟାରେ ଶଯ୍ୟା ଉପଲବ୍ଧ ରହିଛି ସେ ସମ୍ପର୍କରେ ସୂଚନା ରହୁଛି। ତେଣୁ ରୋଗୀଙ୍କୁ ତୁରନ୍ତୁ ଆମ୍ବୁଲାନ୍ସ ଦ୍ୱାରା ବିଭିନ୍ନ ହସ୍ପିଟାଲକୁ ଠିକଣା ସମୟରେ ପ୍ରଶାସନ ପକ୍ଷରୁ ପଠାଯାଇ ପାରୁଛି। ଏଥିସହ କୋଭିଡ୍ ରିପୋର୍ଟ ମଧ୍ୟ ଲୋକମାନେ ସିଏମ୍‌ଏସ୍ ସାଇଟ୍‌କୁ ଯାଇ ଡାଉନଲୋଡ଼୍ କରିପାରୁଛନ୍ତି। ତେଣୁ ଏଭଳି କାର୍ଯ୍ୟକୁ ମୋ ସରକାର ୫-ଟି ପକ୍ଷରୁ ଟୁଇଟ କରାଯାଇ ପ୍ରଶଂସା କରାଯାଇଥିବା ସୂଚନା ମିଳିଛି।



ମୋ ସରକାର ୫-ଟି ପକ୍ଷରୁ କରାଯାଇଥିବା ଟୁଇଟ୍।

## ଆକାଉଣ୍ଟରୁ ନେଇଗଲେ ଟଙ୍କା

**ଅନୁଗୋଳ ଅଫିସ, ୧।୬**

ଅନୁଗୋଳରେ ପୁଣି ସାଇବର ଠକେଇ ହୋଇଛି। ମୋବାଇଲ ରିଚାର୍ଜ କରିବା ବାହାନାରେ ଅନୁଗୋଳ ସହରର ଜଣେ ଲୋକଙ୍କ ଆକାଉଣ୍ଟରୁ ଗତ ୨୭ ତାରିଖରେ ୮୫ ହଜାର ୧୦୬ ଟଙ୍କା ଉଠାଇ ନିଆଯାଇଥିବା ମଙ୍ଗଳବାର ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଅନୁଗୋଳ ସହର ଗୀତାଗ୍ରାମରେ ରହୁଥିବା ଅନିଲ ପ୍ରସାଦ ଯାଦବଙ୍କ ମୋବାଇଲ ରିଚାର୍ଜ ନ ହେଲେ ଫୋନ୍ ଅକାମି ହୋଇଯିବ ବୋଲି କଲ୍ ଆସିଥିଲା। ଏ ନେଇ ଏକ ଆପ୍ଲିକେସନ୍ ମୋବାଇଲ୍‌ରେ ଡାଉନ୍‌ଲୋଡ଼ କରିବାକୁ କୁହାଯାଇଥିଲା। ପରେ ତାଙ୍କୁ ୧୦ ଟଙ୍କାର ଏକ ରିଚାର୍ଜ କରିବାକୁ ପରାମର୍ଶ ଦିଆଯାଇଥିଲା। ଅନିଲ ରିଚାର୍ଜ କରିବା ପରେ ତାଙ୍କ ଆକାଉଣ୍ଟରୁ ପ୍ରଥମେ ୪୯ ହଜାର ୯୦୦, ପରେ ୨୪ ହଜାର ୯୫ ଓ ୧୧ ହଜାର ୧୧ ଟଙ୍କା କଟିଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ ପାଇବା ପରେ ଇନ୍ସପେକ୍ଟର ଧୀରେନ କୁମାର ବେହେରା ମାମଲାର ତଦନ୍ତ କରୁଛନ୍ତି।

## ଫଟୋରେ ଖବର...



ଲକ୍‌ଡାଉନ୍ କାରଣରୁ ସାଧାରଣ ଯାତ୍ରୀ ପରିବହନ ସେବା ବନ୍ଦ ଥିବାରୁ ଅନୁଗୋଳର ଜଣେ ଯୁବକ ମଙ୍ଗଳବାର ଘୋଡ଼ାଗାଡ଼ିରେ ଯାଉଛନ୍ତି।

## ଠକେଇ ଅଭିଯୋଗରେ ଜଣେ ଗିରଫ

**ଅନୁଗୋଳ ଅଫିସ, ୧।୬**

ଠକେଇ ଅଭିଯୋଗରେ ଅନୁଗୋଳ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୌଭାଗ୍ୟନଗର ଅଞ୍ଚଳର ଜିତେନ କୁମାର ମହାପାତ୍ର। ତାଙ୍କୁ ପୋଲିସ ନଂ. ୧୮୪/୨୧ ମାମଲାରେ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। କଟକର ଜଣେ ବ୍ୟକ୍ତିଙ୍କୁ କୋଇଲା ଦେବାକୁ କହି ଜିତେନ ୩ ଲକ୍ଷ ୫୦ ହଜାର ଟଙ୍କା କିଛି ଦିନ ପୂର୍ବରୁ ଆଣିଥିଲେ। କିନ୍ତୁ କୋଇଲା କି ଟଙ୍କା ନ ଫେରାଇବାରୁ ସମ୍ପୃକ୍ତ ବ୍ୟକ୍ତି ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ ମାମଲାର ତଦନ୍ତ କରି ଜିତେନ୍‌ଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ବିନା ମୂଲ୍ୟରେ ସଂକ୍ରମିତଙ୍କୁ ଅକ୍ସିଜେନ୍

**ଛେଣ୍ଡିପଦା, ୧।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଓକିଲ ସଂଘ ଓ ସରଳିଆ ଫିଲିଙ୍ଗ ଷ୍ଟେଶନ ପକ୍ଷରୁ କୋଭିଡ୍ ସଂକ୍ରମିତଙ୍କୁ ବିନା ମୂଲ୍ୟରେ ଅକ୍ସିଜେନ୍ ଯୋଗାଇବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫ଟି ସିଲିଣ୍ଡର ବ୍ୟବସ୍ଥା କରାଯାଇଥିବାବେଳେ ଆବଶ୍ୟକ ପଡିଲେ ଏହାକୁ ବୃଦ୍ଧି କରାଯିବ ବୋଲି ଓକିଲ ସଂଘ ସଭାପତି ନଗେନ ନନ୍ଦ ପ୍ରକାଶ କରିଛନ୍ତି। ମଙ୍ଗଳବାର ଛେଣ୍ଡିପଦା ବାର୍ ଆସୋସିଏଶନ ଠାରେ ଏହି ସେବାର ଶୁଭ ଉଦ୍‌ଘାଟନ କରାଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ବିଜୟ କୁମାର ମାଝି, ଆଇନଜୀବୀ ଅର୍ଜୁନ କୁମାର ମୁଦୁଲି, ସରଳିଆ ଫିଲିଙ୍ଗ ଷ୍ଟେଶନ ସ୍ୱତ୍ୱାଧିକାରୀ ବିକାଶ ସରଳିଆ, ବାର ଆସୋସିଏଶନ ସମ୍ପାଦକ ଗୋପବନ୍ଧୁ ସାହୁ, ଆଇନଜୀବୀ ରାଜକିଶୋର ବେହେରା, ବାର୍ ଆସୋସିଏଶନ ପୂର୍ବତନ ସଭାପତି ପଦ୍ମ ଚରଣ ମାଝି, ଗଣେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓକିଲ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

## କୋଭିଡ୍ ହସ୍ପିଟାଲ ବୁଲିଲେ କେନ୍ଦ୍ରମନ୍ତ୍ରୀ

**ଅନୁଗୋଳ ଅଫିସ, ୧।୬**

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଅନୁଗୋଳ ଗସ୍ତରେ ଆସି ବିଭିନ୍ନ କୋଭିଡ୍ ହସ୍ପିଟାଲ ବୁଲି ଦେଖିଛନ୍ତି। ଏଥିସହ ଜିଲାରେ କିଭଳି ଭାବେ କୋଭିଡ୍ ପରିଚାଳନା ଚାଲିଛି, ସେ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବଅଁରପାଳରେ ହୋଇଥିବା ଇଏସ୍‌ଆଇ କୋଭିଡ୍ ହସ୍ପିଟାଲରେ ରୋଗୀଙ୍କ ସହ ଆଲୋଚନା ବେଳେ ଚିକିତ୍ସା ବ୍ୟବସ୍ଥାକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାପରେ ତାଳଚେର କୋଭିଡ୍ ହସ୍ପିଟାଲକୁ ଯାଇ କେନ୍ଦ୍ରମନ୍ତ୍ରୀ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ବଅଁରପାଳଠାରେ ଇଏସ୍‌ଆଇ କୋଭିଡ୍ ହସ୍ପିଟାଲ କରାଯାଇଥିବାରୁ ରାଜ୍ୟ ଓ ଜିଲା ପ୍ରଶାସନର କାର୍ଯ୍ୟକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଶଂସା କରିଥିଲେ। ନାଲ୍‌କୋର ସିଏସ୍‌ଆର୍ ପାଣ୍ଠି ଓ ଇଏସ୍‌ଆଇ ଭିତ୍ତିଭୂମି ସହ ନାଲ୍‌କୋ ଦ୍ୱାରା ଏକ ପ୍ରଫେସନାଲ ଡାକ୍ତରୀ ଟିମ୍ ଏଥିରେ ନିୟୋଜିତ କରାଯିବା ପ୍ରଶଂସନୀୟ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। କୋଭିଡ୍ ମୁକାବିଲା ନିମନ୍ତେ ଭଲ ପ୍ରସ୍ତୁତି କଥା କହିବା ସହ ଚିକିତ୍ସାଧୀନ ଆଠମଲ୍ଲିକ, ଛେଣ୍ଡିପଦା, ଶିକ୍ଷକପଡ଼ା, ସରାଙ୍ଗ ଆଦି ଅଞ୍ଚଳର ସଂକ୍ରମିତଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ କୋଭିଡ୍ ଚିକିତ୍ସାକୁ ଅଧିକ ତ୍ୱରାନ୍ୱିତ କିପରି କରାଯିବ, ସେ ନେଇ ଭାରତ ସରକାର, ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଥିଲେ। ଅନୁଗୋଳରେ ନାଲ୍‌କୋ, ଏମ୍‌ସିଏଲ୍, ଏନ୍‌ଟିପିସି, ରେଲୱେ, ଅଏଲ ମାର୍କେଟିଂ କମ୍ପାନୀ, ଘରୋଇ କମ୍ପାନୀ ଟାଟା ଓ ଜିନ୍ଦଲ କିଭଳି ସେମାନଙ୍କ କର୍ମଚାରୀ ଓ କ୍ଷତିଗ୍ରସ୍ତ ଲୋକଙ୍କ ଟିକାକରଣ କରିବେ ସେ ନେଇ ଯୋଜନା ପ୍ରସ୍ତୁତି ସହ ଜିଲା ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିବା କେନ୍ଦ୍ରମନ୍ତ୍ରୀ କହିଥିଲେ। ପରେ ସେ ତାଳଚେର କୋଭିଡ୍ ହସ୍ପିଟାଲ ପରିଦର୍ଶନରେ ଯାଇ ଡାକ୍ତର ଓ କର୍ମଚାରୀଙ୍କୁ ଡାକି ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ସମ୍ବଲପୁର ଏମ୍‌ପି ନୀତିଶ ଗଙ୍ଗଦେବ ଉପସ୍ଥିତ ଥିଲେ। ଇଏସ୍‌ଆଇ ମେଡିକାଲ ପରିଦର୍ଶନ ସମୟରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା, ନାଲ୍‌କୋ କର୍ପୋରେଟ୍ ଗ୍ରୁପ୍ ଜେନେରାଲ ମ୍ୟାନେଜର ଦେବଦର୍ଶୀ ଦାସ, ଗ୍ରୁପ୍ ଜେନେରାଲ ମ୍ୟାନେଜର ଏଚ୍‌ଆଣ୍ଡଆଇ ସତ୍ୟାନନ୍ଦ ସାହୁ, ଗ୍ରୁପ୍ ଜେନେରାଲ ମ୍ୟାନେଜର ମ୍ୟାଟେରିଆଲ ବିଭୂତି ଭୂଷଣ ମିଶ୍ରଙ୍କ ସହ ଅନ୍ୟ ଅଧିକାରୀମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପ୍ରଶାସନ ପକ୍ଷରୁ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ ପ୍ରଧାନ, ଉପଜିଲାପାଳ ବାସୁଦେବ ଶତପଥୀ, ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ, ତାଳଚେର ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ଉପସ୍ଥିତ ଥିଲେ।



ତାଳଚେର କୋଭିଡ୍ ହସ୍ପିଟାଲ ପରିସରରେ ଡାକ୍ତରଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରୁଛନ୍ତି।

- ରୋଗୀଙ୍କ ସହ କଲେ ଆଲୋଚନା
- ମେଡିକାଲ ଭିତ୍ତିଭୂମି ଦେଖି ସନ୍ତୁଷ୍ଟ

